# ଅଗଷ୍ଟ ପୂର୍ବରୁ ଶୁଟିଂ କ୍ୟାମ୍ପ ଅସମ୍ଭବ: ଏନ୍‌ଆର୍‌ଏଆଇ

**ନୂଆଦିଲ୍ଲୀ,୨୨।୫/ଏଜେନ୍ସି:** କେନ୍ଦ୍ର ସରକାର ସମସ୍ତ ପ୍ରକାର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଷ୍ଟାଡିୟମ୍ ଖେଳାଳିଙ୍କ ଅଭ୍ୟାସ ପାଇଁ ଖୋଲିବାକୁ ଅନୁମତି ଦେଇଥିବା ବେଳେ ବିଭିନ୍ନ କ୍ରୀଡ଼ା ସଂଗଠନ ପକ୍ଷରୁ ଏସ୍‌ଓପି ମଧ୍ୟ ଜାରି ହୋଇଛି। କିନ୍ତୁ ଭାରତର ଶୁଟରମାନେ ଆଗାମୀ ଅଗଷ୍ଟ ପୂର୍ବରୁ କୌଣସି କ୍ୟାମ୍ପରେ ଏକାଠି ହେବା ଅସମ୍ଭବ ବୋଲି ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନ୍‌ଆର୍‌ଏଆଇ) ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଏନେଇ ଏନ୍‌ଆର୍‌ଏଆଇ ମହାସଚିବ ରାଜୀବ ଭାଟିଆ ସୂଚନା ଦେଇ କହିଛନ୍ତି ଯେ ଯଦିଓ ଦେଶରେ ବିମାନ ଚଳାଚଳ ଆରମ୍ଭ ହୋଇଛି, କିନ୍ତୁ ଯାତ୍ରୀଙ୍କୁ କୌଣସି ଚେକ୍-ଇନ୍ ଲଗେଜ୍ ନେବାର ଅନୁମତି ମିଳିନାହିଁ। ତେଣୁ ବିମାନରେ ଯିବାକୁ ଥିବା ଶୁଟରମାନେ ନିଜ ନିଜ ବନ୍ଧୁକ କେଉଁଠି ରଖିବେ ବୋଲି ଭାଟିଆ ପ୍ରଶ୍ନ କରିବା ସହ ଏପରି ସ୍ଥିତିରେ ବର୍ତ୍ତମାନ ଶୁଟରମାନେ ଅଭ୍ୟାସ କରିବା ସମ୍ଭବପର ନୁହେଁ ବୋଲି କହିଛନ୍ତି। ଦିଲ୍ଲୀ କିମ୍ବା ଭୋପାଳରେ ବର୍ତ୍ତମାନ କୌଣସି ପ୍ରକାର କ୍ୟାମ୍ପ କରାଯିବା ଅସମ୍ଭବ। ତା’ଛଡ଼ା କୌଣସି ଶୁଟର୍ ଟ୍ରେନ୍ ଅବା ବସ୍‌ରେ ଯାତ୍ରା କରିବାକୁ ଆଦୌ ପସନ୍ଦ କରିବେ ନାହିଁ। ତେଣୁ ଅଗଷ୍ଟ ପୂର୍ବରୁ ଅଭ୍ୟାସ ଅସମ୍ଭବ ବୋଲି ଭାଟିଆ କହିଛନ୍ତି।

ନିତିଦିନ NITIDIN
Sat, May 23, 2020
http://odishanewsnitidin.com